# Akashvani, Sambalpur

## SAMBALPURI NEWS BULLETIN

### 26 September 2025 – 6.47- 6.52 am.

***********************************************

ପ୍ରଧାନ୍‌ମନ୍ତ୍ରୀ- ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଝାର୍‌ସୁଗୁଡ଼ା ଗସ୍ତଥି ଆସିକରି ଅମ୍‌ଲିପାଲି ପଡ଼ିଆ ନ ହେବାର୍‌କେ ଥିବା ଯୁବ ସମାବେଶ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜନସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ । ସେଥିର୍‌ଭିତ୍‌ରେ ରାଏଜେ ରେଲ୍‌ବାଇର୍ ବିକାଶ୍ ଲାଗି ୧୭ ଶହ କୋଟି ଟଙ୍କାର୍ ରେଲ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା ସହେତେ ଲୋକାର୍ପଣ୍ କର୍‌ବେ । ଇତାର୍‌ଛଡ଼ା ବ୍ରହ୍ମପୁର୍‌ନୁ ଗୁଜୁରାଟ୍‌ର ସୁରଟ୍‌କେ ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଶୁଭାରମ୍ଭ କର୍‌ବେ । ସେନ୍ତା ୩ ଟା ରେଲ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଶୁଭାରମ୍ଭ କର୍‌ବେ । ସମ୍ବଲ୍‌ପୁର୍ ସହର୍ -ସର୍ଲା ଭିତ୍‌ରେ ରେଲ୍‌ୱେ ଫ୍ଲାଇଓଭର୍‌ର ନିହି ପକାବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ତୟାରିର୍ ସମୀକ୍ଷା କରିଛନ୍ ।

ଜିଏସ୍‌ଟି -ପ୍ରଧାନ୍‌ମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ପିଢ଼ିର୍‌ ଜିଏସ୍‌ଟି ସଂସ୍କାର୍‌ ଜରିଏ ଦେଶର୍‌ ଅଭିବୃଦ୍ଧିର୍‌ କାହାଣୀକେ ନୂଆଁ ଡେଣା ମିଲ୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍‌ । ଗଲାକାଏଲ୍‌ ଗୁଟେ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଜିଏସ୍‌ଟିର୍‌ ଦର୍‌ ର ଲାଭ୍‌ ବାବ୍‌ଦେ ଆଲୋଚନା କରିକରି କହିଛନ୍‌, ନୂଆଁ ଜିଏସ୍‌ଟି ସଂସ୍କାର୍‌ଥି ଜିଏସ୍‌ଟି ପଞ୍ଜିକରଣ୍‌ ଆହୁରି ସହଜ୍‌ ହେବା । ଟିକସ୍‌ ବିବାଦ୍‌ ଭିଲ୍‌ କମ୍‌ବା । ଇତାର୍‌ ଜରିଏ ଏମ୍‌ଏସ୍‌ଏମ୍‌ଇ ମାନେ ତହାଲ୍‌ ରିଫଣ୍ଡ୍‌ ପାଇପାର୍‌ବେ ।

ବରପୁତ୍ରଙ୍କର୍‌ ପ୍ରତିମୂର୍ତି ଥାପ୍‌ନା      I&PR

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍‌ ତର୍‌ଫୁ ରାଜ୍ୟର୍‌ ଭିନ୍‌ ଭିନ୍‌ ଜିଲ୍ଲା ନ ୭୫ ଝନ୍‌ ବରପୁତ୍ରଙ୍କର୍‌ ନୂଆଁ ପ୍ରତିମୂର୍ତି ଥାପ୍‌ନା କରାଯିବା । ସେଥିର୍‌ଭିତ୍‌ରେ ସମ୍ବଲ୍‌ପୁର୍‌ ଜିଲ୍ଲା ନ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ଛବିଲ ସାଏ, ଚନ୍ଦ୍ରଶେଖର୍‌ ଆଜାଦ୍‌ଙ୍କର୍‌ ପ୍ରତିମୂର୍ତି ଥାପ୍‌ନା କରାଯିବା । ସେନ୍ତା ବର୍‌ଗଡ଼୍‌ ଜିଲ୍ଲା ନ କୁଞ୍ଜବିହାରୀ ଦାସ, ଗଙ୍ଗାଧର୍‌ ମେହେର୍‌, ମନୋହର୍‌ ସିଂ, ବଲାଙ୍ଗିର୍‌ ଜିଲ୍ଲା ନ ଡକ୍ଟର୍‌ ହରେକୃଷ୍ଣ ମହତାବ୍‌, ଗଙ୍ଗାଧର୍‌ ମେହେର୍‌, କଲାହାଣ୍ଡି

ଜିଲ୍ଲା ନ ରେଣ୍ଡୋ ମାଝୀ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଭୀମଭୋଇଙ୍କର୍ ପ୍ରତିମୂର୍ତି ଥାପ୍ନା କରାଯିବା । ଇ ବାବ୍ଦେ ରାଜ୍ୟ ସର୍କାର୍ ୧୪ କୋଟି ଟଙ୍କା ଖର୍ଚ୍ଚା କର୍ବେ । ଆଏବା ବଛର୍ତକ୍ କାମ୍ ଶେଷ୍ କରାଯିବା ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ସେବା ପର୍ବ- ପ୍ରତିରକ୍ଷା ଏନ୍‌ଏସ୍‌ଡି

ଗଲା ୧୧ ବଛର୍ ଭିତ୍‌ରେ ଜନସେବାଠାନୁ ମୁଲ୍ କରିକରି ଆର୍ଥିକ୍ ସଶକ୍ତିକରଣ୍‌ତକ୍ ଭାରତ୍‌ର ଇ-ଗଭର୍ଣ୍ଣାନ୍ସ ଇକୋ ସିଷ୍ଟମ୍ ନାଗରିକମାନ୍‌କର୍ ଅଭିଜ୍ଞତାକେ ଆହୁରି ସହଜ, ସରଲ୍ କରିଛେ । ଜନ୍‌ଧନ୍, ଆଧାର୍ ଆଉ ମୋବାଇଲ୍ -ବିକଶିତ୍ ଭାରତ୍‌ର ଡିଜିଟାଲ୍ କ୍ଷେତ୍ରର୍ ସବୁନୁ ବଡ଼୍ ଆଧାର୍ ହେଇଛେ । ଇତାର୍ ଜରିଏ ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ଯୋଜ୍‌ନାଥି ସିଧାସଲଖ୍ ବେଙ୍କ୍‌ଖାତା ଜରିଏ ସାହାଜ୍ ଟଙ୍କା ପୁହୁଁଚାଯାଉଛେ । ସେନ୍ତା ଉମଙ୍ଗ୍ ଆପ୍ ଇହାଦେ ସବୁ ପ୍ରକାର୍ ସର୍‌କାରୀ ସେବା ଯୁଗେଇ ଦେବାର୍ ସହେତେ ନାଗରିକମାନ୍‌କୁ ଡିଜି ଲକର୍ ନ ତଥ୍ୟ ରଖ୍‌ବାର୍ ସୁବିଧା ଦଉଛେ । ଭାଷିନୀ ଆପ୍‌ଥି ଲୁକେ ଅନ୍‌ଲାଇନ୍ ଜରିଏ ଭିନ୍ ଭିନ୍ ଭାଷା ପଢ଼ିପାରୁଛନ୍ ।

ସମ୍ବଲପୁର-ବୁଣାକାର୍ ଗାଁ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବଡ଼୍‌ତୁରାଙ୍ଗ ଗାଁ ଖୋବ୍ ଜଲ୍‌ଦି ବୁଣାକାର୍ ଗାଁ ମାଏନ୍‌ତା ପାଏବାର୍‌କେ ଯାଉଛେ । ଗଲାକାଏଲ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍

ବଲରାମ୍ ବୋନ୍ଦର୍ ଗାଁକେ ଯାଇକରି ବୁଣାକାର୍ ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ସେମାନ୍‌କର୍ ସୁବିଧା ଅସୁବିଧା ପଚ୍‌ରେଇ ବୁଝିଛନ୍ । ପ୍ରଶାସନ୍‌ର ସହାୟତା ଥି ଇହାଦେ ଗାଁର୍ ଶହେ ୧୦ ଝନ୍ ବୁଣାକାର୍‌ଙ୍କୁ ତାଲିମ୍ ଦିଆଯାଉଛେ । ଇ ବୁଣାକାର୍‌ମାନ୍‌କର୍ ବିକାଶ୍ ଲାଗି ପ୍ରଶାସନ୍ ତର୍‌ଫୁ ଆହୁରି ସୁବିଧା କରାଯିବା ବଲି ଜିଲ୍ଲାପାଲ୍ ଶ୍ରୀ ବୋନ୍ଦର୍ କହିଛନ୍ ।

ଘରୋଇ ହିଂସା- ଆଇନ୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସମାଜ୍ କଲ୍ୟାଣ୍ କାର୍ଯ୍ୟାଳୟ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଘରୋଇ ହିଂସାନୁ ମହିଳାମାନ୍‌କୁ ସୁରକ୍ଷା ଅଧିନିୟମ୍-୨୦୦୫ ବାବ୍‌ଦେ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ଅତିଥି ମାନେ ମହିଳାମାନ୍‌କୁ ଘରୋଇ ହିଂସାନୁ ସୁରକ୍ଷା ଦେବାର୍ ବାବ୍‌ଦେ ଥିବା ଆଇନ୍ ଉପ୍‌ରେ ବୁଝେଇଥିଲେ ।

ଏସୀୟ ଟେବୁଲ୍ ଟେନିସ        I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ୧୧ ତାରିଖ୍ ନୁ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା-୨୦୨୫ ମୁଲ୍

ହେବାର୍‌କେ ଯାଉଛେ । ଇ ପ୍ରତିଯୋଗିତା ଓଡ଼ିଶାରେ ପହେଲା କରି ଆୟୋଜନ୍ କରାଯିବା । ଅକ୍ଟୋବର୍ ୧୧ ନୁ ୧୫ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରତିଯୋଗିତାଥି ଭାରତ୍, ଚୀନ୍, ଜାପାନ୍, କୋରିଆ ସହେତେ ୨୨ ଟା ଦେଶର୍ ୫ ଶହ ନୁ ଅଏତ୍‌କା କ୍ରୀଡ଼ାବିତ୍ ଭାଗ୍ ନେବେ । ଇ ବାବ୍‌ଦେ ଗଲାକାଏଲ୍ ସାମ୍ବାଦିକ୍ ସମ୍ମିଳନୀ ଜରିଏ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ । ଓଡ଼ିଶା ନ ପହେଲାକରି ଏନ୍ତା ଗୁଟେ ଅନ୍ତର୍ଜାତୀୟ ସ୍ତରର୍ ଖେଲ୍ ଆୟୋଜନ୍ କରାଯିବାର୍‌ଟା ଗୌରବ୍‌ର ବିଷେ ଆଏ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ପାଣିପାଗ      ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଗଲାକାଏଲ୍ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇଟା ଆଏଜ୍ ଘନୀଭୂତ ହେଇକରି ଅବପାତ ହେଇପାରେ । ଆଏବାକାଏଲ୍‌ତକ୍ ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ଦେଇକରି ଇ ଲଘୁଚାପ୍ କ୍ଷେତ୍ର ପାର୍ କର୍‌ବା । ଇତାର୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ  ଆଏଜ୍ ୨୦ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍ମିକ୍ ୫/୬ ଫୁଟ୍ ରହିଛେ ।